୫ ଏପ୍ରିଲ ୨୦୧୭

ପ୍ରମେୟ
THE PRAMEYA

# ଆଇଆଇଟି-ସାଂଘାଇ ଜିଆଓ ଟଙ୍ଗ୍ ୟୁନିଭର୍ସିଟିର ଏମଓୟୁ

ଭୁବନେଶ୍ୱର,୪।୪(ବ୍ୟୁରୋ): ଭୁବନେଶ୍ୱର ଆଇଆଇଟି ସହ ଆଜି ଚିନ୍‌ର ସାଂଘାଇ ଜିଆଓ ଟଙ୍ଗ୍ ବିଶ୍ୱବିଦ୍ୟାଳୟ ଏମ୍‌ଓୟୁ ସ୍ୱାକ୍ଷର କରିଛି। ପୂର୍ବରୁ ୨୦୧୬ ମେ' ୨୬ ତାରିଖରେ ଭୁବନେଶ୍ୱର ଆଇଆଇଟି ସ୍କୁଲ ଅଫ୍ ମିନେରାଲ୍ସ, ମେଟାର୍ଲୁଜିକାଲ୍ ଆଣ୍ଡ ମେଟେରିଆଲ୍ସ ଇଞ୍ଜିନିୟରିଂ ସହ ଚିନ୍‌ର ସାଂଘାଇ ଜିଆଓ ଟଙ୍ଗ୍ ବିଶ୍ୱବିଦ୍ୟାଳୟର ମଟେରିଆଲ୍ସ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ସ୍କୁଲର ଇଞ୍ଜିନିୟରିଂ ସେଣ୍ଟର୍ ଅଫ୍ ମଟେରିଆଲ୍ସ



ମେନୁଫେକ୍‌ଚରିଂ ସହ ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ଚିନ୍‌ର ସାଂଘାଇ ଜିଆଓ ଟଙ୍ଗ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମିଙ୍ଗକୁ ଜିଆଙ୍କ ସହ ଏମ୍‌ଓୟୁ ହୋଇଥିଲା। ସେହି ସମ୍ପର୍କ ଏବେ ଦୃଢ଼ ହୋଇଛି। ଆଜି ଚିନ୍‌ର ସାଂଘାଇ ଜିଆଓ ଟଙ୍ଗ୍ ବିଶ୍ୱବିଦ୍ୟାଳୟର ୪ଜଣ ଶିକ୍ଷାବିତ୍ ଭୁବନେଶ୍ୱର ଆଇଆଇଟି ଗସ୍ତ କରିଥିଲେ। ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରାଜକୁମାରଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ଗବେଷଣା ଏବଂ ଉନ୍ନୟନ ଡିନ୍ ପ୍ରଫେସର ଆର୍ କେ ପଣ୍ଡା ଚୁକ୍ତି ସ୍ୱାକ୍ଷର ଉତ୍ସବର ନେତୃତ୍ୱ ନେଇଥିଲେ। ସାଂଘାଇ ଜିଆଓ ଟଙ୍ଗ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଦଳରେ ପ୍ରଫେସର ଜିନାଗ୍ସୁ ଲି, ପ୍ରଫେସର ମିଙ୍ଗକୁ ଜିଆ, ପ୍ରଫେସର କ୍ୱିଙ୍ଗନ୍ ହୁ ଓ ଡ. ଓ୍ୱେଙ୍କୁଆନ୍ ଲୁ ସାମିଲ ଥିଲେ। ପରେ ପ୍ରଫେସର ବି.କେ ମିଶ୍ରା ଭୁବନେଶ୍ୱର ଆଇଆଇଟି ସ୍କୁଲ ଅଫ୍ ମିନେରାଲ୍ସ, ମେଟାର୍ଲୁଜିକାଲ୍ ଆଣ୍ଡ ମେଟେରିଆଲ୍ସ ଇଞ୍ଜିନିୟରିଂର ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଭବିଷ୍ୟତରେ ଉଭୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଶିକ୍ଷା ଓ ଗବେଷଣା ବାବଦରେ ମଧ୍ୟ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା।